# NATIONAL NEWS BULLETIN (ODIA)
## 4 June - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ ଆସନ୍ତା ମାସ ୨୧ ତାରିଖରୁ ।
- ୨୦୨୭ ମସିହାରେ ଦେଶରେ ଜନଗଣନା କରିବା ଲାଗି ସରକାରଙ୍କ ନିଷ୍ପତ୍ତି ।
- ବିଶ୍ୱ ପରିବେଶ ଦିବସ ଅବସରରେ ଆସନ୍ତାକାଲି ଆରାଭାଲ୍ଲି ଗ୍ରିନ୍ ୱାଲ୍ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୬ ଜଣ ମହିଳାଙ୍କ ସମେତ ମୋଟ୍ ୯ ଜଣଙ୍କର ମୃତ୍ୟୁ ।

ଏବଂ

- ଫ୍ରେଞ୍ଚ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କଲେ ସ୍ପେନ୍‌ର କାର୍ଲୋସ୍ ଆଲ୍‌କାରାଜ ।

# ମନସୁନ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତା ମାସ ୨୧ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମ ଏହି ସୂଚନା ଦେଇଛନ୍ତି ।

**V/O-RIJIJU-ON-SESSION**

ପହଗଲଗାମ ସନ୍ତ୍ରାସବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୂର ଅଭିଯାନ ପରେ ଏହା ହେଉଛି ପ୍ରଥମ ସଂସଦୀୟ ଅଧିବେଶନ । ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଜଣେ ନେପାଳୀ ନାଗରୀକଙ୍କ ସମେତ ମୋଟ୍ ୨୫ ଜଣ ଭାରତୀୟଙ୍କର ମୃତ୍ୟୁ ହୋଇଥିଲା । ଏହାର ଜବାବରେ ଭାରତର ସେନା ବାହିନୀ ପକ୍ଷରୁ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରର ବିଭିନ୍ନ ସ୍ଥାନରେ ଥିବା ସନ୍ତ୍ରାସବାଦୀମାନଙ୍କର ଆଡ୍ଡା ସ୍ଥଳ ଉପରେ କରାଯାଇଥିବା ପାଲଟା ଆକ୍ରମଣରେ ସେଗୁଡ଼ିକ ଧ୍ୱଂସ ହେବା ସହିତ ୧୦୦ରୁ ଊର୍ଦ୍ଧ୍ୱ ସନ୍ତ୍ରାସବାଦୀ ନିହତ ହୋଇଥିଲେ । ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ପରେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଆଲୋଚନା ଲାଗି ଦୁଇଥର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

# ଜନଗଣନା

୨୦୨୭ ମସିହାରେ ଦେଶରେ ଜନଗଣନା କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ଜନଗଣନା ସହିତ ଜାତିଗଣନା ମଧ୍ୟ କରାଯିବ । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ – **V/O**

# ପିଏମ୍-ଏନ୍ଭାରମେଣ୍ଟ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଶ୍ୱ ପରିବେଶ ଦିବସ ଅବସରରେ ନୂଆଦିଲ୍ଲୀ ଠାରେ ଏକ ବିଶେଷ ବୃକ୍ଷ ରୋପଣ ଅଭିଯାନର ଶୁଭାରମ୍ଭ କରିବେ । 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ଶ୍ରୀ ମୋଦୀ ସ୍ଥାନୀୟ ଭଗବାନ ମହାବୀର ବଣସ୍ଥଳୀ ପାର୍କ ଠାରେ ଏକ ବଟବୃକ୍ଷର ଚାରା ରୋପଣ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଆରାଭାଲ୍ଲି ଗ୍ରିନ୍ ୱାଲ୍ ପ୍ରକଳ୍ପର ଶୁଭାରମ୍ଭ କରିବେ । ୭୦୦ କିଲୋମିଟର ଅଞ୍ଚଳ ପରିମିତ ଆରାଭାଲ୍ଲି ରେଞ୍ଜକୁ ପୁନଃ ବନିକରଣ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

ଦିଲ୍ଲୀ ରାଜସ୍ଥାନ, ହରିଆଣା ଓ ଗୁଜରାଟର ୨୯ଟି ଜିଲ୍ଲା ଏହି ପ୍ରକଳ୍ପ ଅଧୀନରେ ଆସୁଛି । ଏହି ପ୍ରକଳ୍ପ ଅଧୀନରେ ଆରାଭାଲ୍ଲିର ଜୈବ ବିବିଧ ପ୍ରକ୍ରିୟାକୁ ଉଜ୍ଜୀବିତ ରଖିବା ତଥା ସୁସଂହତ ରଖିବା ଦିଗରେ ପୁନଃ

ବନିକରଣ ସମେତ ଅନ୍ୟାନ୍ୟ ପ୍ରକ୍ରିୟା ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହାଛଡ଼ା ସ୍ଥାନୀୟ ମୃତ୍ତିକାକୁ ଅଧିକ ଉର୍ବର କରିବା, ଜଳର ଉପଲବ୍ଧତାକୁ ସୁଗମ କରିବା ଏବଂ ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବକୁ ରୋକିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ।

ଏହି ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ଅନୁକୂଳ ଯାତାୟତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦିଲ୍ଲୀ ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ୨୦୦ଟି ଇଲେକ୍ଟ୍ରିକ୍ ବସ୍‌ର ଶୁଭାରମ୍ଭ କରିବେ ।

## ମୋଦୀ-ଅଷ୍ଟ୍ରେଲିୟନ୍ ଡିପ୍ଟି ପିଏମ୍

ଭାରତ-ଅଷ୍ଟ୍ରେଲିଆ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ୍ ମାର୍ଲ୍‌ସ ଆଜି ମତବିନିମୟ କରିଛନ୍ତି । ଆଜି ଅପରାହ୍ଣରେ ଶ୍ରୀ ମାର୍ଲ୍‌ସ ନୂଆଦିଲ୍ଲୀ ଠାରେ ଶ୍ରୀ ମୋଦୀଙ୍କ ସହିତ ସାକ୍ଷାତ ଆଲୋଚନା କରି ଭାରତର ସୀମାପାର

ଆତଙ୍କବାଦ ବିପକ୍ଷ ଲଢ଼େଇ ପ୍ରତି ତାଙ୍କ ଦେଶର ପୂର୍ଣ୍ଣ ସମର୍ଥନ ରହିଛି ବୋଲି କହିଛନ୍ତି । ଏହି ଅବସରରେ ପ୍ରତିରକ୍ଷା ଶିଳ୍ପ ସହଯୋଗ, ନିରନ୍ତର ଯୋଗାଣ ଶୃଙ୍ଖଳ, ମହତ୍ତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ତଥା ନୂତନ ଏବଂ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଦୁଇ ନେତା ଗୁରୁତ୍ୱାରୋପ କରିଛନ୍ତି । ଏକ ସ୍ଥିର, ସୁରକ୍ଷିତ ତଥା ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରତିଷ୍ଠା ଦିଗରେ ଏହି ଦ୍ୱିପକ୍ଷିୟ ସହଯୋଗ  ସହାୟକ ହେବ ବୋଲି ଉଭୟ ନେତା ସହମତ ହୋଇଛନ୍ତି । ସମ୍ପ୍ରତି ଅଷ୍ଟ୍ରେଲିଆରେ ହୋଇଥିବା ଫେଡେରାଲ୍ ନିର୍ବାଚନରେ  ଲେବର ପାର୍ଟିର ଐତିହାସିକ ବିଜୟ ଲାଗି ପ୍ରଧାନମନ୍ତ୍ରୀ’ ଶ୍ରୀ ମାର୍ଲ୍‌ସଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।  ଏହାଛଡ଼ା ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ଶ୍ରୀ ମୋଦୀ ତାଙ୍କର ଅଷ୍ଟ୍ରେଲିୟ ପ୍ରତିପକ୍ଷ ଆନ୍ଥୋନି ଆଲବାନିଜ୍‌ଙ୍କୁ  ନିମନ୍ତ୍ରଣ କରିଛନ୍ତି ।

# ରିଜିଜୁ-ମହାଅଭିଯୋଗ ପ୍ରସ୍ତାବ

ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିପକ୍ଷରେ ମହା-ଅଭିଯୋଗ ପ୍ରସ୍ତାବ ଆଗତ କରିବା ଲାଗି ସମସ୍ତ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଜଷ୍ଟିସ୍ ବର୍ମାଙ୍କ ବିରୁଦ୍ଧରେ ମହା-ଅଭିଯୋଗ ପ୍ରସ୍ତାବ ହେଉଛି ବିଚାର ବିଭାଗରେ ଦୁର୍ନୀତି ସମ୍ପର୍କିତ ଏକ ମାମଲା । ତେଣୁ ଏହି ପ୍ରସଙ୍ଗରେ ରାଜନୀତି କରିବାର କୌଣସି ଅବକାଶ ନାହିଁ । ଏହି ପ୍ରସଙ୍ଗରେ ସଂସଦରେ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେବା ଦିଗରେ ସରକାର ଆଗ୍ରହୀ ବୋଲି ସେ କହିଛନ୍ତି । ଏହାକୁ ଏକ ଗୁରୁତର ପ୍ରସଙ୍ଗ ଭାବେ ଅଭିହିତ କରି ବିଚାର ବିଭାଗ ବା ଯେକୌଣସି ସ୍ଥାନରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ଆଲୋଚନା ସମୟରେ ଦେଶର ସାମଗ୍ରୀକ ସ୍ୱାର୍ଥକୁ ସର୍ବଦା ପ୍ରାଥମିକତା ଦିଆଯିବା ଉଚିତ ବୋଲି ଶ୍ରୀ ରିଜିଜୁ ମତବ୍ୟକ୍ତ କରିଛନ୍ତି । ଏଠାରେ ସୂଚନା ଦିଆଯାଇପାରେ କିଛି ମାସ ତଳେ ଜଷ୍ଟିସ୍ ବର୍ମାଙ୍କ ନୂଆଦିଲ୍ଲୀ ସ୍ଥିତ

ସରକାରୀ ବାସଭବନରୁ ବିପୁଳ ପରିମାରଣର ନଗଦ ଅର୍ଥ ଜବତ ହୋଇଥିଲା ।

## ପୀୟୂଷ ଗୋୟଲ୍

ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଦୁଇଦିନିଆ ଇଟାଲୀ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ରୋମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଇଟାଲୀ ଅର୍ଥନୈତିକ ସହଯୋଗ ଯୁଗ୍ମ ଆୟୋଗର ୨୨ତମ ଅଧିବେଶନରେ ଶ୍ରୀ ଗୋୟଲ୍ ସେଠାକାର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରୀ ଆଣ୍ଟୋନିଓ ତାଜାନିଙ୍କ ସହିତ ସହ-ଅଧ୍ୟକ୍ଷତା କରିବେ । ଏହି ଅଧିବେଶନରେ ଡିଜିଟାଲାଇଜେସନ୍, ଶକ୍ତି, ସ୍ଥାୟୀ ଗମନାଗମନ, ଶିଳ୍ପ ଫୋର୍ ପଏଣ୍ଟ ଜିରୋ, ଅତ୍ୟାଧୁନିକ କୃଷି ବ୍ୟବସ୍ଥା ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ସମ୍ପର୍କରେ ବିସ୍ତୃତ ଆଲୋଚନା ତଥା ସହଯୋଗ ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯିବ । ଶ୍ରୀ ଗୋୟଲଙ୍କର ଏହି ଗସ୍ତ ଦ୍ୱିପକ୍ଷିୟ ରଣନୈତିକ ଶିଳ୍ପ ଭାଗିଦାରୀ ତଥା ଅର୍ଥନୈତିକ ସଂଯୋଗୀକରଣକୁ ଅଧିକ ସଶକ୍ତ କରିବ ବୋଲି ଆଶା କରାଯାଉଛି ।

## ଆଇପିଏଲ୍-ଦୁର୍ଘଟଣା

ପ୍ରଥମଥର ଲାଗି ଆଇପିଏଲ୍ ଚାମ୍ପିୟନ୍ ହୋଇଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ – ଆର୍.ସି.ବି.ର ବିଜୟ ପରିପ୍ରେକ୍ଷୀରେ ଗତକାଲି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ନିକଟରେ ଦଳାଚକଟାରେ ୬ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନେକ ଆହତ ହୋଇଥିବା ଖବର ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ମଧ୍ୟକୁ ବିଭିନ୍ନ ଗେଟ୍ ଦ୍ୱାରା ଆର୍.ସି.ବି.ର ସମର୍ଥକମାନେ ଧସେଇ ପଶିବାକୁ ଚେଷ୍ଟା କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ପୂର୍ବରୁ କର୍ଣ୍ଣାଟକ ସରକାର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଧାନ ସୌଧରୁ ଚିନ୍ନାସ୍ୱାମୀ କ୍ରିକେଟ୍ ଷ୍ଟାଡିୟମ୍ ପର୍ଯ୍ୟନ୍ତ ହେବାକୁ ଥିବା ବିଜୟ ପ୍ୟାରେଡ୍‌କୁ ନିଷେଧ କରିଥିଲେ ।

## ଏମ୍‌ପି-ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାରେ ଗତକାଲି ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣ ମହିଳାଙ୍କ ସମେତ ମୋଟ୍ ୯ ଜଣଙ୍କର ମୃତ୍ୟୁ ହୋଇଛି । ଏତଦ୍ ବ୍ୟତୀତ ଅନ୍ୟ ଦୁଇ ଜଣ ଗୁରୁତର ଆହତ ବ୍ୟକ୍ତି ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ

ମେଘନଗରର କେତେକ ବାସିନ୍ଦା ଏକ ଭ୍ୟାନ୍‌ରେ ଗୋଟିଏ ବିବାହ ଉତ୍ସବରେ ଯୋଗଦେଇ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ସମ୍ପୃକ୍ତ ଭ୍ୟାନ୍ ଉପରେ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରିବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟକାମନା କରିଛନ୍ତି । ଏତଦ୍ ବ୍ୟତୀତ ସେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ଆତ୍ମୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି ।

ଅନ୍ୟ ପକ୍ଷରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ବର୍ଗଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ନେଦରଲାଣ୍ଡସ୍-ପିଏମ୍

ନେଦରଲାଣ୍ଡସ୍ର ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସେଠାରେ ଚାଲିଥିବା ମେଣ୍ଟ ସରକାରରୁ ପି.ଭି.ଭି. ଦଳ ଓହରି ଯିବା ଲାଗି ନିଷ୍ପତ୍ତି ନେଇଥିବା ଦୃଷ୍ଟିରୁ ଶ୍ରୀ ସ୍କୁଫ୍ ଏଭଳି ପଦକ୍ଷେପ ନେଇଛନ୍ତି । ସେ ନେଦରଲାଣ୍ଡସ୍ର ରାଜାଙ୍କ ନିକଟରେ ଆନୁଷ୍ଠାନିକ ଭାବେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି । ଦ ହେଗ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସ୍କୁଫ୍ କହିଛନ୍ତି, କାମଚଳା ପ୍ରଧାନମନ୍ତ୍ରୀ ଭାବେ ନେଦରଲାଣ୍ଡସ୍ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନ ଗୁଡ଼ିକର ସେ ମୁକାବିଲା କରିବେ । ସ୍କୁଫ୍ଙ୍କ ନେତୃତ୍ୱାଧୀନ ସରକାର ଗତବର୍ଷ ଜୁଲାଇ ମାସରେ କ୍ଷମତାସୀନ ହୋଇଥିଲେ ।

## ଫ୍ରେଞ୍ଚ ଓପନ୍

ସ୍ପେନ୍ର କାର୍ଲୋସ୍ ଆଲ୍କାରାଜ ଫ୍ରେଞ୍ଚ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ରେ ପ୍ରବେଶ କରିଛନ୍ତି । କାର୍ଲୋସ୍ ଆମେରିକାର ଟମି ପଲ୍ଙ୍କୁ ୬-୦, ୬-୧, ୬-୪ ସେଟ୍ରେ ପରାସ୍ତ କରିଛନ୍ତି । ଆସନ୍ତା

ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍‌ରେ କାର୍ଲୋସ୍ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ ।